# NATIONAL NEWS BULLETIN (ODIA)

**30 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ଆଜି ଆଗତ ହେବ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍ ୨୦୨୬ ।

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଲୋକସଭା ମୁଲତବୀ ।

- ଦିଲ୍ଲୀ ଛାତ୍ର ପ୍ରତିବାଦ ଘଟଣାରେ ତ୍ୱରିତ କ୍ରିୟାନୁଷ୍ଠାନ ବଳ ଦ୍ୱାରା ବ୍ୟବହୃତ ଧାତବ ପେଲେଟ୍ ଅଂଶକୁ ସଂରକ୍ଷଣ କରି ରଖିବାକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ ।

- ଆସାମର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ୬ ଜଣିଆ କେନ୍ଦ୍ରୀୟ ଆନ୍ତଃ ମନ୍ତ୍ରଣାଳୟ କମିଟି ।

ଏବଂ

- ଆର୍ନ୍ତଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କଲେ ବରିଷ୍ଠ କ୍ରିକେଟ୍ ଖେଳାଳି ଅଜିଙ୍କ୍ୟ ରାହାଣେ ।

---

## ଆର୍‌ଏସ୍‌-ଏକ୍ସାମ ବିଲ୍

ରାଜ୍ୟସଭାରେ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍ ୨୦୨୬ ଆଲୋଚନା ପାଇଁ ଆଗତ କରାଯିବ । କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ବିଲ୍ ଆଗତ କରିବେ । ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ପରେ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଶୂନ୍ୟକାଳ ଆରମ୍ଭ କରି ଏହି ବିଲ୍ ଆଗତ ନେଇ ମନ୍ତ୍ରୀ ଡକ୍ଟର ସିଂହଙ୍କ ଠାରୁ ମିଳିଥିବା ନୋଟିସ୍‌କୁ ଗ୍ରହଣ କରିଛନ୍ତି । ସେ କହିଛନ୍ତି ସଦସ୍ୟଙ୍କୁ ବିଲ୍‌ର କପି ବଣ୍ଟନ କରାଯାଇଛି । ଫଳରେ ଆଲୋଚନା କାଳରେ ସେମାନେ ସେମାନଙ୍କର ସଂଶୋଧନ ଜନିତ ପ୍ରସ୍ତାବ ଉପସ୍ଥାପନ କରିପାରିବେ । ଏହି ବିଲ୍ ଲୋକସଭାରେ ଗତକାଲି ପାରିତ ହୋଇଛି ।

ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ପ୍ରମୋଦ ତିଓ୍ୱାରୀ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ଛାତ୍ରଙ୍କ ପ୍ରତିବାଦ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୋଗ ଉଠାଇଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ସେ ଏଥିପାଇଁ ବିବୃତ୍ତି ଦାବି କରିଥିଲେ । ଏହାର ପ୍ରତ୍ୟୁତ୍ତରରେ ଗୃହର ନେତା ଜେ.ପି. ନଡ୍ଡା କହିଛନ୍ତି ଗୃହକାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବା ବିରୋଧୀଙ୍କ ଏକମାତ୍ର ଲକ୍ଷ୍ୟ । ବିରୋଧୀ ସଦସ୍ୟ ନକରାତ୍ମକ ରାଜନୀତି କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି । ନରେନ୍ଦ୍ର ମୋଦୀ ସରକାର ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ।

**V/O (J P Nadda)**

ଶ୍ରୀ ନଡ୍ଡାଙ୍କ ଜବାବରେ ପ୍ରତିବାଦ ଜଣାଇ କଂଗ୍ରେସ, ସମାଜବାଦୀ ପାର୍ଟି ଓ ତୃଣମୂଳ କଂଗ୍ରେସ ସମେତ ବିରୋଧୀଦଳ ଗୁଡ଼ିକ କକ୍ଷତ୍ୟାଗ କରିଥିଲେ ।

# ଏଲ୍ଏସ୍-ଆଡଜର୍ଣ୍ଣଡ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ଛାତ୍ରଙ୍କ ପ୍ରତିବାଦ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ପାଥେୟ କରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଅଧିବେଶନକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଗ୍ଲାସ୍‌ଗୋ ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ପାରା ଆଥଲେଟ ବର୍ଗରେ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପାରା ଆଥଲେଟ୍ ବର୍ଗରେ ଦିଲ୍ଲୀପ ଗାଭିତ ସ୍ୱର୍ଣ୍ଣପଦକ ଏବଂ ମହମ୍ମଦ ବାସିଲ ରୌପ୍ୟପଦକ ହାସଲ କରିଛନ୍ତି । ଶ୍ରୀ ବିର୍ଲା ପଦକ ବିଜେତା ସମସ୍ତ ଖେଳାଳି ଏବଂ ପ୍ରଶିକ୍ଷକଙ୍କୁ ଦେଶର ଗୌରବ ବୃଦ୍ଧି କରିଥିବାରୁ ଗୃହପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି ।

**V/O**

ତେବେ ପ୍ରଶ୍ନକାଳ ଆରମ୍ଭ ହେବାକ୍ଷଣି ବିରୋଧୀ ସଦସ୍ୟମାନେ ଗୃହରେ ସ୍ଲୋଗାନମାନ ଦେଇଥିଲେ । ପ୍ରତିବାଦକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ସେମାନେ ବିବୃତ୍ତି ଦାବି କରିଥିଲେ । ବାଚସ୍ପତି କହିଥିଲେ ପ୍ରଶ୍ନକାଳ ସଦସ୍ୟମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏଥିରେ ବାଧା ସୃଷ୍ଟି ନକରି ସହଯୋଗ ପ୍ରଦାନ

କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ବାଚସ୍ପତି କହିଥିଲେ ଗୃହକାର୍ଯ୍ୟରେ ବାଧାସୃଷ୍ଟି କରିବା ସଂସଦୀୟ ପରମ୍ପରାର ପରିପନ୍ଥୀ । ତେବେ ବିରୋଧୀ ସଦସ୍ୟଙ୍କ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

# ଏସ୍‌ସି-ଆମୁନିସନ

ଦିଲ୍ଲୀର ଜନ୍ତରମନ୍ତରରେ ପ୍ରଶ୍ନପତ୍ର ପ୍ରଘଟ ନେଇ ଛାତ୍ର ପ୍ରତିବାଦ ସମୟରେ ତ୍ୱରିତ କ୍ରିୟାନୁଷ୍ଠାନ ବଳର ବ୍ୟବହୃତ ଧାତବ ପେଲେଟ୍‌ର ଅଂଶକୁ ସଂରକ୍ଷଣ କରି ରଖିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ପେଲେଟ୍ ମାଡ଼ ଦ୍ୱାରା ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବାକୁ ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଧାତବ ପେଲେଟ୍ ଗନ୍ ବ୍ୟବହାର ଜନିତ ପୁଲିସର କ୍ଷମତା ଉପରେ ଏହି ଆବେଦନରେ ପ୍ରଶ୍ନ ଉଠାଯାଇଛି ।

# ଆସାମ-ସେଣ୍ଟ୍ରାଲ ଟିମ୍

କେନ୍ଦ୍ର ସରକାରଙ୍କ ୬ ଜଣିଆ ଆନ୍ତଃ ମନ୍ତ୍ରଣାଳୟ କମିଟି ଗତକାଲି ଆସାମର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ । ଚରାଇଦେଓ, ସିବ୍‌ସାଗର, ଜୋରହାଟ ଏବଂ ଗୋଲାଘାଟ ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ । ଡିସ୍‌ପୁରଠାରେ ରାଜ୍ୟ ମୁଖ୍ୟ ସଚିବ ଡକ୍ଟର ରବି କୋଟାଙ୍କ ସହ ପରିସ୍ଥିତି ନେଇ ସମୀକ୍ଷା କରିଥିଲେ । ରାଜ୍ୟର ବିଭିନ୍ନ ବିଭାଗ, କେନ୍ଦ୍ରୀୟ ସଂସ୍ଥା ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାମ୍ପ୍ରତିକ ବନ୍ୟାର କାରଣ, କ୍ଷୟକ୍ଷତି, ରିଲିଫ ଏବଂ ପୁର୍ନବାସ ପ୍ରସଙ୍ଗଗୁଡ଼ିକ ଉପରେ ରାଜ୍ୟସ୍ତରୀୟ ଅଧିକାରୀ କେନ୍ଦ୍ରୀୟ ଦଳକୁ ଅବଗତ କରାଇଛନ୍ତି । ବନ୍ୟା କ୍ଷୟକ୍ଷତିର ଆକଳନ ଜାରି ରହିଥିବାନେଇ ରାଜ୍ୟ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି ।

ଅନ୍ୟପକ୍ଷରେ ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଆସାମର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଆସାମ, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶରେ ଆଜିଠାରୁ ଆସନ୍ତା ପହିଲା ପର୍ଯ୍ୟନ୍ତ ଝଡ଼ତୋଫାନ ସହ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି । ଏପରିକି ଅରୁଣାଚଳପ୍ରଦେଶ ଓ ନାଗାଲାଣ୍ଡରେ ହେବାକୁ ଥିବା ବର୍ଷା ଆସାମର ପ୍ରଭାବିତ ଜିଲ୍ଲା ଗୁଡ଼ିକର ସୀମାନ୍ତ ଅଞ୍ଚଳ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି । ପରିସ୍ଥିତିକୁ

ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ ଏବଂ ତ୍ୱରିତ କ୍ରିୟାନୁଷ୍ଠାନ ସଂସ୍ଥାଗୁଡ଼ିକୁ ସଜାଗ ରହିବା ସହ ସାଧାରଣ ଜନତାଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛି ।

# ଓଡ଼ିଶା ଫ୍ଲଡ

ପ୍ରବଳ ବର୍ଷା ଯୋଗୁଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରୁ ୧ଲକ୍ଷ ୭୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ରାଜ୍ୟ ସରକାର ବନ୍ୟା ପରିସ୍ଥିତିକୁ ଅନୁଧ୍ୟାନ କରି ତ୍ୱରିତ ରିଲିଫ ଏବଂ ଉଦ୍ଧାରକାର୍ଯ୍ୟ ଜାରି ରଖିଛି । ଅଧିକାଂଶ ଜିଲ୍ଲାରେ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ପାଇଁ ଛୁଟି ଘୋଷଣା କରାଯିବା ସହ ବନ୍ୟ ସଂକ୍ରାନ୍ତ ହାଇଆଲର୍ଟ ଜାରି କରାଯାଇଛି ।

# ବାଇଲେକ୍ସନ

ବିହାର, ଗୁଜୁରାଟ ଏବଂ ମଧ୍ୟପ୍ରଦେଶର ୩ଟି ବିଧାନସଭା ଆସନ ଉପ ନିର୍ବାଚନରେ ମତଦାନ ଜାରି ରହିଛି । ବିହାରର ବାଙ୍କିପୁର, ଗୁଜୁରାଟର ମଞ୍ଜାଲପୁର ଏବଂ ମଧ୍ୟପ୍ରଦେଶର ଦାତିଆରେ ମତଦାନ ହେଉଛି । ନିର୍ବାଚନ ଆୟୋଗଙ୍କ ମିଳିଥିବା ସୂଚନା ଅନୁଯାୟୀ ବାଙ୍କିପୁର ବିଧାନସଭା

ଆସନରେ ପୂର୍ବାହ୍ନ ୧୧ଟା ସୁଦ୍ଧା ସାଢ଼େ ୧୧ ପ୍ରତିଶତ, ମଞ୍ଜିଲପୁରରେ ୧୪ ପ୍ରତିଶତରୁ ଅଧିକ ଏବଂ ଦାତିଆରେ ୩୨ ଦଶମିକ ୫ ପ୍ରତିଶତରୁ ଅଧିକ ମତଦାନ ହୋଇଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ଭୋଟ୍‌ଗ୍ରହଣ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଜାରି ରହିବ ।

## ଏସ୍‌ସି-ଆପ୍ ଲିଡର୍ସ

ପଞ୍ଜାବ ହାଇକୋର୍ଟଙ୍କ ନିଷ୍ପତ୍ତି ବିରୁଦ୍ଧରେ ଚଣ୍ଡିଗଡ ପ୍ରଶାସନ ପକ୍ଷରୁ ଆଗତ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ ଭଗବତ ମାନ୍ ଏବଂ ଅନ୍ୟାନ୍ୟ ଆପ୍ ନେତାଙ୍କ ଠାରୁ ଜବାବ ଲୋଡିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାନ୍‌ଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ୨୦୨୦ ମସିହାରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଅଭିଯୋଗ ନେଇ ଆପ୍‌ର ନେତାଙ୍କ ପକ୍ଷରୁ ପ୍ରତିବାଦ ଆନ୍ଦୋଳନ କରାଯାଇଥିଲା । ଏଥିରେ ଶ୍ରୀ ମାନ୍‌ଙ୍କ ସମେତ ବହୁ ଦଳୀୟ ନେତା ତତ୍‌କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ଚଣ୍ଡିଗଡସ୍ଥିତ ବାସଭବନ ଆଡକୁ ପଦଯାତ୍ରା କରିବାକୁ କର୍ମୀଙ୍କୁ ଉତ୍ସାହିତ କରିଥିଲେ । ବିକ୍ଷୋଭକାରୀଙ୍କ ପକ୍ଷରୁ ବାରିକେଡ୍ ଭାଙ୍ଗିବା ଏବଂ ପଥରମାଡ଼ କରିଥିବା ନେଇ ପୁଲିସ ପକ୍ଷରୁ ଅଭିଯୋଗ ରହିଛି । ଏହି ମାମଲାର ଶୁଣାଣି କରି

ପଞ୍ଜାବ ହାଇକୋର୍ଟ ଏ ସଂକ୍ରାନ୍ତ ଏଫ୍‌ଆଇଆର୍‌କୁ ରଦ୍ଦ କରିଥିଲେ । ଏହା ବିରୁଦ୍ଧରେ ଚଣ୍ଡିଗଡ ପ୍ରଶାସନ ସୁପ୍ରିମକୋର୍ଟରେ ମାମଲା ଦାଖଲ କରିଛି ।

# ନଡ୍ଡା– ଟିବି ଏଲିମିନେସନ୍

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ସଂସଦରେ ଥିବା ପଶ୍ଚିମବଙ୍ଗର ସଦସ୍ୟମାନଙ୍କୁ ଜନଆନ୍ଦୋଳନର ନେତୃତ୍ୱ ନେବାକୁ ଆହ୍ୱାନ ଦେଇଛନ୍ତି। ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ନଡ୍ଡା କହିଛନ୍ତି, ଯକ୍ଷ୍ମା ରୋଗ ପ୍ରତିହତ କରିବା କ୍ଷେତ୍ରରେ ସଫଳତା ହାସଲ କରିଛି। ବିଶ୍ୱସ୍ତରରେ ଭାରତରେ ଯକ୍ଷ୍ମା ରୋଗ ୨୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ୯୨ ପ୍ରତିଶତ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ' ସାଂସଦମାନଙ୍କୁ ୨୦୩୦ ସୁଦ୍ଧା ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ସମ୍ପ୍ରଦାୟ ଯୋଗଦାନ ଦୃଢ଼ କରି ଏହାର ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କହିଛନ୍ତି।

# ରାହାଣେ–ରିଟ୍ୟାରମେଣ୍ଟ

ଭାରତର ବରିଷ୍ଠ କ୍ରିକେଟ ଖେଳାଳି ଅଜିଙ୍କ୍ୟ ରାହାଣେ ଆନ୍ତର୍ଜାତିକ କ୍ରିକେଟ୍‌ରେ ଅବସର ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ରାହାଣେ କହିଛନ୍ତି

ଆନ୍ତର୍ଜାତିକ କ୍ରିକେଟ ଏବଂ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଗ୍ରହଣ କରିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ । ୨୦୨୩ ମସିହାରେ ଶ୍ରୀ ରାହାଣେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅନ୍ତିମ ଟେଷ୍ଟ  ଏବଂ ୨୦୧୮ରେ ଇଂଲଣ୍ଡ ବିପକ୍ଷରେ ସେ ଶେଷ ଦିନିକିଆ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । ୨୦୧୩ ମସିହାରେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ରାହାଣେ ଭାରତ ପାଇଁ ମୋଟ୍ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଏବଂ ୨୦ଟି ଟି-୨୦ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି ।

## ସିଡବ୍ଲ୍ୟୁଜି- ମେଡାଲ୍ସ

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପାରାକ୍ରୀଡ଼ାବିତ୍‌ମାନେ ଇତିହାସ ସୃଷ୍ଟି କରିଛନ୍ତି। ପୁରୁଷ ୧୦୦ ମିଟର ଟି-୪୭ ଫାଇନାଲରେ ଦିଲ୍ଲୀପ ମାହାଦୂ ଗାଭିତ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହମ୍ମଦ ବାସିଲ ମୋସିଙ୍ଗାନାକାଥ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।